# DAV PUBLIC SCHOOLS, ODISHA ZONE
# PERIODIC TEST-I, 2023-24

- Please check that this question paper contains 3 printed pages.
- Check that this question paper contains 6 questions.
- Write down the Serial Number of the question in the left side of the margin before attempting it.

## CLASS – VII
## SUBJECT: LOWER ODIA

**Time : 1.30 Hours** **Maximum Marks: 40+4**

**ସାଧାରଣ ନିର୍ଦ୍ଦେଶାବଳୀ:**

- ନିର୍ଦ୍ଦେଶ ଅନୁସାରେ ସମସ୍ତ ପ୍ରଶ୍ନର **ଉତ୍ତର** ନିର୍ଭୁଲ ଭାବରେ ଲେଖ ।
- ଏହି ପ୍ରଶ୍ନ ପତ୍ରରେ (କ, ଖ, ଗ, ଘ) ଭଳି ୪ଟି ବିଭାଗରେ ୦୬ଟି ମୁଦ୍ରିତ ପ୍ରଶ୍ନ ରହିଛି ।
- 'କ' ବିଭାଗ : ପଠନ - ୦୫ ଅଙ୍କ
- 'ଖ' ବିଭାଗ : ଲିଖନ - ୦୫ ଅଙ୍କ
- 'ଗ' ବିଭାଗ : ବ୍ୟାକରଣ - ୧୪ ଅଙ୍କ
- 'ଘ' ବିଭାଗ : ସାହିତ୍ୟ - ୧୬ ଅଙ୍କ

### 'କ' ବିଭାଗ (ପଠନ) (୫)

୧ . ଅନୁଚ୍ଛେଦଟିକୁ ପଢ଼ି ପ୍ରଶ୍ନଗୁଡ଼ିକର **ଉତ୍ତର** ଲେଖ । (୫x୧=୫)

ଗୋଟିଏ ଗାଆଁରେ ରାମବାବୁ ଓ ହରିବାବୁ ନାମରେ ଦୁଇ ଜଣ ଧନୀ ବ୍ୟକ୍ତି ରହୁଥିଲେ । ଉଭୟ ବେଶ୍ ଦାନଶୀଳ ଥିଲେ । ସେମାନେ ଦାନ ଧର୍ମ କରିବାକୁ ଭଲ ପାଉଥିଲେ । ଗାଁଲୋକଙ୍କୁ ସାହାଯ୍ୟ କରୁଥିବାରୁ ଲୋକେ ଉଭୟଙ୍କୁ ଖୁବ୍ ସମ୍ମାନ ଦେଉଥିଲେ । ଲୋକେ କହୁଥିଲେ ରାମବାବୁ ଅଧିକ ଉଦାର ହୃଦୟର । ରାମବାବୁଙ୍କ ହାତ ହରିବାବୁଙ୍କ ହାତ ତୁଳନାରେ ଅଧିକ ଖୋଲା । କିନ୍ତୁ ଜଣେ ଗୁଣୀଲୋକ ମତଦେଲେ ଯେ, ପ୍ରକୃତରେ ହରିବାବୁ ହେଉଛନ୍ତି ଅଧିକ ଦାନୀ । କାରଣ ରାମବାବୁ ପାତ୍ର ଅପାତ୍ର ବିଚାର ନ କରି ଯିଏ ଯେତେବେଳେ ଯାହା ମାଗିଲା, ତାକୁ ଦେଇପକାନ୍ତି । ଏହା ଦ୍ୱାରା ପାତ୍ରଟି ସିନା ଉପକୃତ ହୁଏ, କିନ୍ତୁ ଅପାତ୍ରଗୁଡ଼ିକ ମନ୍ଦ କାର୍ଯ୍ୟରେ ସେହି ଅର୍ଥକୁ ବ୍ୟବହାର କରନ୍ତି । କିନ୍ତୁ ହରିବାବୁ ପାତ୍ର ଅପାତ୍ର ବିଚାର କରି ଦାନ ଦିଅନ୍ତି । ତାଙ୍କ ସାହାଯ୍ୟ ଯେପରି ଉଚିତ କାର୍ଯ୍ୟରେ ବ୍ୟବହୃତ ହୁଏ, ତାହା ସେ ଦେଖନ୍ତି । ଆମେ ପାତ୍ରରେ ପାଣି ନ ଢାଳି ଗଦଗଦ କରି ବାହାରେ ଢାଳିବା ଯାହା, ରାମବାବୁଙ୍କ ଦାନ ହେଉଛି ତାହା । ତେଣୁ ହରିବାବୁଙ୍କ ପରି ପାତ୍ର ଅପାତ୍ର ବିଚାର କରି ଦାନ ଦେବା ଉଚିତ ।

ପ୍ରଶ୍ନାବଳୀ-

(କ) ଗୁଣୀଲୋକଙ୍କ ମତରେ କିଏ ଅଧିକ ଦାନୀ ଥିଲେ ?

(ଖ) ରାମବାବୁ କିପରି ଦାନ ଦେଉଥିଲେ ?

(ଗ) ଗାଁଲୋକେ କାହିଁକି ଉଭୟଙ୍କୁ ଖୁବ୍ ସାମ୍ମାନ ଦେଉଥିଲେ ?

(ଘ) ଅପାତ୍ରଗୁଡ଼ିକ ପାଇଥିବା ଅର୍ଥକୁ କେଉଁ କାର୍ଯ୍ୟରେ ବ୍ୟବହାର କରନ୍ତି ?

(ଙ) ଆମେ କିପରି ଦାନ ଦେବା ଉଚିତ ?

## 'ଖ' ବିଭାଗ (ଲିଖନ) (୫)

୨. 'ପାଠାଗାର' ବିଷୟରେ ଅନୁଚ୍ଛେଦଟିଏ ଲେଖ । (୧x୫=୫)

## 'ଗ' ବିଭାଗ (ବ୍ୟାକରଣ) (୧୪)

୩. (କ) ନିମ୍ନରେ ଦିଆଯାଇଥିବା ଶବ୍ଦଗୁଡ଼ିକର ଅର୍ଥ ଲେଖ । (୪x୧=୪)

(i) ତ୍ରାସ (ii) ନିଶାମୁଖ (iii) ବକ୍ତା (iv) ରୋପଣ

(ଖ) ନିମ୍ନରେ ଦିଆଯାଇଥିବା ଶବ୍ଦଗୁଡ଼ିକର ଗଦ୍ୟରୂପ ଲେଖ । (୪x୧=୪)

(i) ଗରଜି (ii) ଗ୍ରୀଷମ (iii) ଅଳପ (iv) ତପତ

(ଗ) ବନ୍ଧନୀ ମଧ୍ୟରୁ ଉପଯୁକ୍ତ ଶବ୍ଦ ବାଛି ଶୂନ୍ୟସ୍ଥାନ ପୂରଣ କର । (୪x୧=୪)

(ଅଧ୍ୟବସାୟ, ୧୯୪୩, ୧୯୨୧, ୧୨, କୃଷ୍ଣଚନ୍ଦ୍ର ଗଜପତି)

(i) ଅନାଥ ଭିକାରି ପିଲାଟିକୁ __________ ବର୍ଷ ହୋଇଥିଲା ।

(ii) ସେତେବେଳେ ପାରଳାଖେମୁଣ୍ଡିର ରାଜା __________ ଥିଲେ ।

(iii) କଠିନ __________ ବଳରେ ସେ ଅଳ୍ପକାଳ ମଧ୍ୟରେ ତୃତୀୟ ଶ୍ରେଣୀ ପାସ୍ କରିଥିଲା ।

(iv) __________ ମସିହାରେ ଗାନ୍ଧିଜୀ ପାରଳାଖେମୁଣ୍ଡି ଆସିଥିଲେ ।

(ଘ) ନିମ୍ନରେ ଦିଆଯାଇଥିବା ଶବ୍ଦଗୁଡ଼ିକର ଲିଙ୍ଗ ପରିବର୍ତ୍ତନ କର । (୨x୧=୨)

(i) ମହାରାଜା (ii) ପିତା

## 'ଘ' ବିଭାଗ (ସାହିତ୍ୟ) (୧୬)

୪. (କ) ନିମ୍ନଲିଖିତ ପ୍ରଶ୍ନଗୁଡ଼ିକର **ଉତ୍ତର** ଲେଖ । (ପଦ୍ୟ) (୩x୨=୬)

(i) ମେଘମାଳ କିପରି ଭାବରେ ଜଳ ବର୍ଷା କଲେ ?

(ii) ବର୍ଷରେ କେତୋଟି ଋତୁ ଆସେ ? ଗ୍ରୀଷ୍ମଋତୁ ପରେ କେଉଁ ଋତୁ ଆସେ ?

(iii) ବର୍ଷାଋତୁକୁ ସକଳ ଋତୁଙ୍କର ସାର ବୋଲି କବି କାହିଁକି କହିଛନ୍ତି ?

(ଖ) ନିମ୍ନଲିଖିତ ପ୍ରଶ୍ନଗୁଡ଼ିକର **ଉତ୍ତର** ଲେଖ । (ଗଦ୍ୟ) (୩x୨=୬)

(i) ଲେଖକ କାହାକୁ ନିଜର ପିତାମହୀ ଓ କାହାକୁ ଜନନୀ ବୋଲି କହିଛନ୍ତି ?

(ii) ମହାତ୍ମା ଗାନ୍ଧି ପାରଳାଖେମୁଣ୍ଡିକୁ ଆସି କ'ଣ କଲେ ?

(iii) ଛାତ୍ରମାନେ ଗାନ୍ଧିଜୀଙ୍କୁ କିପରି ସୁରକ୍ଷା ଦେଇଥିଲେ ?

୫. ଠିକ **ଉତ୍ତର**ଟିକୁ ବାଛି ଲେଖ । (୪x୧=୪)

(କ) 'ଗର୍ଜନ୍ତି ଆବୋରିଣ ପାଣି'- ଏଠାରେ କିଏ ଗର୍ଜିବା କଥା କୁହାଯାଇଛି ?

(i) ପୃଥିବୀ (ii) ମୟୂର (iii) ବେଙ୍ଗ (iv) ବିଜୁଳି

(ଖ) ମୟୂର କାହାକୁ ଚାହିଁ ନୃତ୍ୟ କରେ ?

(i) ମେଘ (ii) ଘଡ଼ଘଡ଼ି (iii) ପବନ (iv) ତାରକା

(ଗ) 'ତୁମ ଜ୍ଞାନ ପରିପକ୍ୱ ହେଲେ ଦେଶ ପାଇଁ କାମ କରିବାକୁ ଶକ୍ତି ପାଇବ'- ଏକଥା କିଏ କହିଥିଲେ ?

(i) ମହାତ୍ମା ଗାନ୍ଧି (ii) ସତ୍ୟନାରାୟଣ (iii) ବ୍ରହ୍ମଚାରୀ ମୁଇଁ (iv) ଲେଖକଙ୍କ ନନା

(ଘ) ବ୍ରହ୍ମଚାରୀ ମୁଇଁର ଘର କେଉଁଠି ଥିଲା ?

(i) ସମ୍ବଲପୁର (ii) ପାରଳାଖେମୁଣ୍ଡି (iii) ଖଲ୍ଲିକୋଟ (iv) କଟକ

## ଉତ୍ତମ ପାଠକ ବୋନସ୍ (୪)

୬. ନିମ୍ନଲିଖିତ ପ୍ରଶ୍ନଗୁଡ଼ିକର **ଉତ୍ତର** ଲେଖ । (୪x୧=୪)

(କ) ମାଆ ଚଢ଼େଇଟି କାହିଁକି ପ୍ରଳାପ କରିବାକୁ ଲାଗିଲା ?

(ଖ) ପଣ୍ଡିତମାନେ କେଉଁ କେଉଁ ବିଷୟରେ ଶୋକ କରନ୍ତି ନାହିଁ ?

(ଗ)କିଏ ପ୍ରକୃତ ବନ୍ଧୁ ଅଟେ ?

(ଘ) ହାତୀକୁ ମାରିବା ପାଇଁ ବେଙ୍ଗ କ'ଣ ଯୋଜନା କଲା ?

***********